# NATIONAL NEWS BULLETIN (ODIA)
## 16 July 2026
## Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ପୁରୀ ଶ୍ରୀକ୍ଷେତ୍ରରେ ଆଜି ଅନୁଷ୍ଠିତ ହେଉଛି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ।

– ସାଢ଼େ ୯ଟାରେ ପହଣ୍ଡି ଏବଂ ଅପରାହ୍ଣ ୪ଟାରେ ଆରମ୍ଭ ହେବ ରଥଟଣା ।

- ହରିଆଣା, ଚଣ୍ଡିଗଡ଼ ଓ ପଞ୍ଜାବକୁ ଆସନ୍ତାକାଲି ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ସୁଦୃଢ଼ କରିବା ପାଇଁ ସହମତ ହୋଇଛନ୍ତି ଭାରତ ଓ ବେଲ୍‌ଜିୟମ୍ ।
- ସ୍ପେନ୍ ଓ ଆର୍ଜେଣ୍ଟିନା ମଧ୍ୟରେ ଆସନ୍ତା ରବିବାର ଖେଳାଯିବ ଫିଫା ବିଶ୍ୱକପ୍ ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ ।

ଏବଂ

- ଓଡ଼ିଶା ସମେତ ଦେଶର କେତେକ ଅଞ୍ଚଳରେ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗର ଅନୁମାନ ।

# ରଥଯାତ୍ରା

ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଆଜି ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଅନୁଷ୍ଠିତ ହେଉଛି । ମହାପ୍ରଭୁଙ୍କୁ ଦେଖିବା ପାଇଁ ରଥ ଓ ପଥ ପ୍ରସ୍ତୁତ ହୋଇଅଛନ୍ତି । ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇ ଶ୍ରଦ୍ଧାଳୁଙ୍କ ଦର୍ଶନ ଦେବା ସହ ଆଡ଼ପ ମଣ୍ଡପକୁ ରଥଯାତ୍ରାରେ ବାହାରିବେ । ଏଥିପାଇଁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି । ରଥଟଣା କାର୍ଯ୍ୟ ଓ ଆନୁଷଙ୍ଗିକ ରୀତିନୀତିକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି ।

ଗତକାଲି ଆଜ୍ଞାମାଳ ବିଜେ ହେବା ପରେ ରଥଖଳାରୁ ତିନିରଥକୁ ସିଂହଦ୍ୱାର ସମ୍ମୁଖକୁ ଅଣାଯାଇଥିଲା ।

ଆଜି ସକାଳୁ ମଙ୍ଗଳ ଆଳତି, ମଇଲମ, ତଡ଼ପ ଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା ଆଦି ଦୈନନ୍ଦିନ ନୀତି ପରେ ମହାପ୍ରଭୁଙ୍କ ବେଶ ଅନୁଷ୍ଠିତ ହେବ । ସକାଳ ୯ଟାରେ ରଥପ୍ରତିଷ୍ଠା, ସାଢ଼େ ୯ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ପହଣ୍ଡି, ମଧ୍ୟାହ୍ନ ୨ଟାରୁ ୩ଟା ମଧ୍ୟରେ ଛେରାପହଁରା ପରେ ଅପରାହ୍ନ ୪ଟାରୁ ରଥଟଣା ଆରମ୍ଭ ହେବ ।

ବିଶ୍ୱ କଲ୍ୟାଣ ପାଇଁ ବର୍ଷକରେ ଥରେ ନବଦିନାତ୍ମକ ଯାତ୍ରା କରୁଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ' ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା' ଶ୍ରୀ

ସୁଦର୍ଶନଙ୍କୁ ସାଥିରେ ଧରି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯିବାର ପରମ୍ପରା ଓ ରୀତିନୀତିରେ ମାନବୀୟ ଲୀଳାର ପ୍ରତିଫଳନ ଦେଖିବାକୁ ମିଳିଥାଏ।

ରଥଯାତ୍ରା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳ ଏବଂ ପଡ଼ୋଶୀ ରାଜ୍ୟକୁ ସଂଯୋଗ କରୁଥିବା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି । ତେବେ ପୁରୀରେ ଗତକାଲିଠାରୁ ବର୍ଷା ଲାଗି ରହିଛି । ଏହା ସତ୍ତ୍ୱେ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି ।

## ଶାହା-ଜଗନ୍ନାଥ ଯାତ୍ରା

ରଥଯାତ୍ରା ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା' ଅଟଳ ବିଶ୍ୱାସ ଏବଂ ଭକ୍ତିର ପ୍ରତୀକ । ଏହି ପବିତ୍ର ଯାତ୍ରା ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିପାଦନ କରିବା ସହ ଭଗବାନଙ୍କ ପ୍ରତି ଅତୁଟ ଭକ୍ତିକୁ ପରିପ୍ରକାଶ କରିଥାଏ । ଏହି ଅବସରରେ ଶ୍ରୀ ଶାହା ସମସ୍ତଙ୍କର ସୁଖ, ସମୃଦ୍ଧି ଏବଂ ମଙ୍ଗଳ କାମନା କରିଛନ୍ତି ।

# ପିଏମ୍-ହରିଆଣା ପଞ୍ଜାବ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ହରିଆଣା, ଚଣ୍ଡିଗଡ଼ ଏବଂ ପଞ୍ଜାବ ଗସ୍ତରେ ଯିବେ । ହରିଆଣାର ଜିନ୍ଦ୍  ରେଳ ଷ୍ଟେସନ୍‌ଠାରେ ଜିନ୍ଦ୍ ଏବଂ ସୋନିପତ ମଧ୍ୟରେ ଦେଶର ପ୍ରଥମ ହାଇଡ୍ରୋଜେନ୍ ରେଳ ଚଳାଚଳର ଶୁଭାରମ୍ଭ କରିବେ । ଜିନ୍ଦ୍‌ର ଏକଲବ୍ୟ ଷ୍ଟାଡିୟମ୍‌ଠାରେ ଆୟୋଜିତ ହେବାକୁ ଥିବା ଏକ ସମାରୋହରେ ପ୍ରାୟ ୧୪ ହଜାର ୭୦୦ କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶ୍ରୀ ମୋଦୀ ଲୋକାର୍ପଣ ଓ ଶିଳାନ୍ୟାସ କରିବେ ।

ଅପରାହ୍ଣରେ ଚଣ୍ଡିଗଡ଼ ଯାତ୍ରା କରି ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ସଡ଼କ ଭିତ୍ତିଭୂମି ପ୍ରକଳ୍ପ ସହ ଜଡ଼ିତ ୬ହଜାର ୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଚଣ୍ଡିଗଡ଼ରେ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ଏଜୁକେସନ୍ ଆଣ୍ଡ ରିର୍ସଚ୍ – ପି.ଜି.ଆଇ.ଏମ୍.ଇ.ଆର୍.ରେ ଆଡଭାନ୍ସ ମାତୃ ଏବଂ ଶିଶୁ କେନ୍ଦ୍ର ଓ ନ୍ୟୁରୋ ସାଇନ୍ସ କେନ୍ଦ୍ରର ଉଦ୍‌ଘାଟନ କରିବେ ।  ଶ୍ରୀ ମୋଦୀ ଜଳନ୍ଧର ଗସ୍ତରେ ଯାଇ ୫ ହଜାର ୪୭୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ।

ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ଜଳନ୍ଧର କ୍ୟାଣ୍ଟନ୍‌ମେଣ୍ଟ ସମେତ ୭୫ଟି ପୁନଃ ବିକଶିତ ରେଳ ଷ୍ଟେସନ୍‌ର ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

# ଆଇଆର୍‌ସିଟିସି ୱେବ୍‌ସାଇଟ୍

ଟ୍ରେନ୍ ଟିକଟ ବୁକିଂକୁ ଅଧିକ ସରଳ ଏବଂ ଯାତ୍ରୀ ଅନୁକୂଳ କରିବା ଲକ୍ଷ୍ୟ ନେଇ ରେଳ ମନ୍ତ୍ରଣାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ୍ – ଆଇ.ଆର୍.ସି.ଟି.ସି. ୱେବ୍‌ସାଇଟ୍‌ରେ ଏକ ନୂତନ ସଂସ୍କରଣ କାର୍ଯ୍ୟକାରୀ ହୋଇଛି । ଏହାଦ୍ୱାରା ସଂରକ୍ଷଣ ସମ୍ପର୍କିତ ଯାତ୍ରୀ ସମସ୍ତ ତଥ୍ୟ ପାଇବା ସହ ଟିକଟ ବୁକିଂ ବ୍ୟବସ୍ଥା ଅଧିକ ସହଜ ହୋଇପାରିବ । ବର୍ତ୍ତମାନ କାର୍ଯ୍ୟକାରୀ ରହିଥିବା ଆଇ.ଆର୍.ସି.ଟି.ସି.ର ୱେବ୍‌ସାଇଟ୍‌ର ହୋମ୍ ପେଜ୍‌ରେ ଏହି ନୂତନ ସଂସ୍କରଣ ପାଇଁ ଏକ ଲିଙ୍କ୍ ପ୍ରଦାନ କରାଯାଇଛି । ତେବେ ଏହାର ବୈଶିଷ୍ଟ୍ୟଗୁଡ଼ିକ ଉପରେ ମତାମତ ଦେବାକୁ ରେଳ ମନ୍ତ୍ରଣାଳୟ ଯାତ୍ରୀଙ୍କୁ ଅନୁରୋଧ କରିଛି । ୨୦୦୨ ମସିହାରେ ଆରମ୍ଭ ହୋଇଥିବା ଆଇ.ଆର୍.ସି.ଟି.ସି. ୱେବ୍‌ସାଇଟ୍ ମାଧ୍ୟମରେ ଏବେ ପ୍ରତିଦିନ ପ୍ରାୟ ୧୪ ଲକ୍ଷ ୫୦ ହଜାର ଟିକଟ ବିକ୍ରି ହେଉଥିବା ଜଣାପଡ଼ିଛି ।

# ଇଣ୍ଡିଆ-ବେଲ୍‌ଜିୟମ୍

ଭାରତ-ବେଲ୍‌ଜିୟମ୍ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ସୁଦୃଢ଼ କରିବା ନେଇ ସହମତ ହୋଇଛନ୍ତି । ଦ୍ୱିପାକ୍ଷିକ ରଣନୈତିକ

ଆଲୋଚନାର ପ୍ରଥମ ବୈଠକ ଗତକାଲି ବ୍ରସେଲ୍ସ ଠାରେ ଅନୁଷ୍ଠିତ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ବେଲ୍‌ଜିୟମ୍ ଉପ-ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ମ୍ୟାକ୍ସିମ୍ ପ୍ରେଭୋଟ୍ ଉଦ୍‌ଘାଟନୀ ଅଧିବେଶନରେ ସହ-ଅଧ୍ୟକ୍ଷତା କରିଥିଲେ । ବାଣିଜ୍ୟ ଏବଂ ନିବେଶ, ସବୁଜ ଶକ୍ତି, ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟା, ଯୋଗାଯୋଗ, ପ୍ରତିରକ୍ଷା, ସୁରକ୍ଷା, ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଏବଂ ଜନସମ୍ପର୍କ ନେଇ ଉଭୟ ଦେଶ ବ୍ୟାପକ ସହଭାଗିତାର ସହ କାର୍ଯ୍ୟ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି ।

ଡକ୍ଟର ଜୟଶଙ୍କର କହିଛନ୍ତି, ୟୁରୋପ ସହିତ ଭାରତର ସମ୍ପର୍କ ଏକ ବିଶେଷ ସ୍ଥାନ ଅଧିକାର କରିଛି । ଏହି ରଣନୈତିକ ଆଲୋଚନାର ନିର୍ଯ୍ୟାସ ଦୁଇ ଦେଶ ମଧ୍ୟରେ ସହଭାଗିତାକୁ ଅଧିକ ସୁଦୃଢ଼ କରିବ । ବେଲ୍‌ଜିୟମ୍ ପ୍ରଧାନମନ୍ତ୍ରୀ ଶ୍ରୀ ପ୍ରେଭୋଟ୍ କହିଛନ୍ତି, ଗତ ବର୍ଷ ମାର୍ଚ୍ଚ ମାସରେ ଅନୁଷ୍ଠିତ ବେଲ୍‌ଜିୟମ୍ ଅର୍ଥନୈତିକ ମିଶନ୍ ଦୁଇ ଦେଶ ମଧ୍ୟରେ ଆର୍ଥିକ ସମ୍ପର୍କର ଶକ୍ତିକୁ ଅଧିକ ତ୍ୱରାନ୍ୱିତ କରିଥିଲା । ବାଣିଜ୍ୟ, ନିବେଶ ଏବଂ ନବସୃଜନ ଦୁଇ ଦେଶକୁ ନିକଟତର କରୁଥିବା ବେଳେ ଭବିଷ୍ୟତର ସହଯୋଗ ପାଇଁ ଏକ ଦୃଢ଼ ଭିତ୍ତିଭୂମି ପ୍ରଦାନ କରୁଛି ବୋଲି ଶ୍ରୀ ପ୍ରଭୋଟ୍ କହିଛନ୍ତି ।

# ଇଣ୍ଡିଆ ଇୟୁ ଟିସିସି ମିଟିଂ

ଭାରତ-ୟୁରୋପୀୟ ସଂଘ ବାଣିଜ୍ୟ ଏବଂ ପ୍ରଯୁକ୍ତି ପରିଷଦ ବୈଠକ ଉଭୟ ପକ୍ଷଙ୍କ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା, ସୁରକ୍ଷା ଏବଂ ପ୍ରତିରକ୍ଷା ସହଭାଗିତା ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ସମ୍ପର୍କକୁ ଗତିଶୀଳ କରିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଶାବ୍ୟକ୍ତ କରିଛନ୍ତି । ବ୍ରସେଲ୍ସ ଠାରେ ଗତକାଲି ଏହି ବୈଠକ ପରେ ଗଣମାଧ୍ୟମକୁ ସମ୍ବୋଧନ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ ଏବଂ ୟୁରୋପୀୟ ସଂଘ ପରସ୍ପର ମଧ୍ୟରେ ବିଶ୍ୱାସକୁ ଅଧିକ ଦୃଢ଼ କରିଛନ୍ତି । ବ୍ୟବସାୟ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏହାର ଉପଯୋଗକୁ ବ୍ୟାପକ କରିବା ନେଇ ପ୍ରୟାସ ଜାରି ରହିଛି । ବୈଠକ ଅବସରରେ ଉଭୟ ପକ୍ଷ ଇଭି ଚାର୍ଜିଂ ଭିତ୍ତିଭୂମି କ୍ଷେତ୍ର ଉପରେ ପ୍ରଥମ ନବସୃଜନ କେନ୍ଦ୍ର ପ୍ରତିଷ୍ଠା କରିବାକୁ ସହମତ ହୋଇଥିବା ଡକ୍ଟର ଜୟଶଙ୍କର ସୂଚନା ଦେଇଛନ୍ତି ।

ବୈଠକରେ ଯୋଗଦେଇ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ଏକ ନିରପେକ୍ଷ ଏବଂ ସନ୍ତୁଳିତ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି । ଉଭୟ ପକ୍ଷ କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ନିର୍ଭରଶୀଳତାକୁ ହ୍ରାସ କରିବା ସହ ନିର୍ଭରଯୋଗ୍ୟ ତଥା ବ୍ୟାପକ ଯୋଗାଣ ଶୃଙ୍ଖଳ ପ୍ରତିଷ୍ଠା ନେଇ ଅଙ୍ଗୀକାରବଦ୍ଧତା ପ୍ରକାଶ କରିଥିବା ଶ୍ରୀ ଗୋୟଲ କହିଛନ୍ତି ।

# ଏମ୍‌ପି-ଇଣ୍ଟରନ୍ୟାସନାଲ୍ ଫ୍ଲାଇଟ୍

ମଧ୍ୟପ୍ରଦେଶର ଇନ୍ଦୋରରୁ ପ୍ରଥମ ଆନ୍ତର୍ଜାତିକ ବିମାନ ଉଡ଼ାଣ ସେବା ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ସଂଯୁକ୍ତ ଆରବ ଏମିରେଟ୍ସର ରାଜଧାନୀ ଆବୁଧାବିକୁ ସିଧାସଳଖ ବିମାନ ଉଡ଼ାଣକୁ ପତାକା ଦେଖାଇ ଗତକାଲି ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଜଣେ ସାଧାରଣ ଲୋକର ବିମାନ ଯାତ୍ରାକୁ ଏହି ପଦକ୍ଷେପ ପ୍ରତିପାଦିତ କରୁଛି । ଆନ୍ତର୍ଜାତିକ ବିମାନ ଚଳାଚଳ ପାଇଁ ଆର୍ଥିକ ସହାୟତ ସ୍ୱରୂପ ସରକାର ପ୍ରତି ଉଡ଼ାଣ ପାଇଁ ୧୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଯାତ୍ରୀଙ୍କ ଟିକଟ ମୂଲ୍ୟ ହ୍ରାସ କରିବାରେ ଏହା ସହାୟକ ହେବ ।

ଡକ୍ଟର ଯାଦବ କହିଛନ୍ତି, ପୂର୍ବରୁ ବିମାନରେ ପ୍ରତି ସିଟ୍ ପାଇଁ ୨୪ରୁ ୨୫ ହଜାର ଟଙ୍କା ଭଡ଼ା ପଡୁଥିବା ବେଳେ ଏବେ ଏହା ୧୨ରୁ ୧୫ ହଜାର ଟଙ୍କାକୁ ହ୍ରାସ ପାଇଛି । ଏୟାର୍ ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ସପ୍ତାହକୁ ୪ ଦିନ ଇନ୍ଦୋରରୁ ଆବୁଧାବିକୁ ଯାତ୍ରା କରିବ । ପୂର୍ବରୁ ଦିଲ୍ଲୀ କିମ୍ବା ମୁମ୍ବାଇ ଦେଇ ଆବୁଧାବିକୁ ଯାତ୍ରା ୭ରୁ ୮ ଘଣ୍ଟା ହେଉଥିବା ବେଳେ ଏବେ ଏହା ୩ ଘଣ୍ଟା ୧୫ ମିନିଟ୍‌କୁ ହ୍ରାସ ପାଇବ ବୋଲି ଡକ୍ଟର ଯାଦବ କହିଛନ୍ତି ।

# ଫିଫା

ଫିଫା ବିଶ୍ୱକପ୍ ପ୍ରତିଯୋଗିତାର ଫାଇନାଲ୍‌କୁ ଦ୍ୱିତୀୟ ଦଳ ଭାବେ ଆର୍ଜେଣ୍ଟିନା ଉନ୍ନିତ ହୋଇଛି । ଗତକାଲିର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ଇଂଲଣ୍ଡକୁ' ଆର୍ଜେଣ୍ଟିନ୍ା ୨-୧ ଗୋଲ୍‌ରେ ପରାସ୍ତ କରିଛି । ଆସନ୍ତା ରବିବାର ଦିନ ଆର୍ଜେଣ୍ଟିନା ଏବଂ ସ୍ୱେନ୍ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ । ଗତ ୨୦୨୨ ସଂସ୍କରଣରେ ଆର୍ଜେଣ୍ଟିନା ଟାଇଟଲ ହାସଲ କରିଥିଲା ।

# କ୍ରିକେଟ୍

ଭାରତ-ଇଂଲଣ୍ଡ ପୁରୁଷ ତିନିଟିକିଆ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ଖେଳାଯିବ । କାର୍ଡିଫ୍‌ର ସୋଫିଆ ଗାର୍ଡେନ୍ସ୍‌ଠାରେ ଭାରତୀୟ ସମୟ ଅପରାହ୍ଣ ସାଢ଼େ ୫ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ପୂର୍ବରୁ ଗତ ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡକୁ ଭାରତ ୬ଓ୍ୱିକେଟ୍‌ରେ ପରାସ୍ତ କରିଥିଲା । ଏଥିସହ ଭାରତ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ଆସନ୍ତା ରବିବାର ଲଂଣ୍ଡନ୍‌ର ଲର୍ଡସ୍ କ୍ରିକେଟ୍ ପଡ଼ିଆଠାରେ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ ।

# ୱେଦର୍

ଓଡ଼ିଶା ସମେତ ଅରୁଣାଚଳ ପ୍ରଦେଶ, ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳରେ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି । ଆସାମ, ମେଘାଳୟ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ପଶ୍ଚିମବଙ୍ଗର ଉପ-ହିମାଳୟ ଅଞ୍ଚଳ, ସିକ୍କିମ୍ ଏବଂ ଉତ୍ତରାଖଣ୍ଡରେ ମଧ୍ୟରେ ଆଜି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଇଛି । ତେବେ ଅନ୍ୟ ପକ୍ଷରେ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ପୁଡୁଚେରୀ ଏବଂ କରେଇକାଲରେ ଆଜି ଗରମ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ କହିଛି ।